ଭାରତ ସଂଘ

ବନାମ

ମେସର୍ସ ଆଗ୍ରୋ ଇଞ୍ଜିନିୟରିଂ (ଏମ୍.ପି.)ପ୍ରାଇଭେଟ ଲିମିଟେଡ ଏବଂ ଅନ୍ୟମାନେ

9, ଫେବୃଆରୀ 1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ରିହାତି-ଅନୁଦାନ-ଯୋଜନା ଅଧୀନରେ-ଭାରତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀରେ ଉଲ୍ଲେଖ କରାଯାଇଥିବା ଆବଶ୍ୟକତାକୁ ଯଥେଷ୍ଟ ମାତ୍ରାରେ ପାଳନ କରି 1988 ମସିହା ସେପ୍ଟେମ୍ବର 30 ତାରିଖ କିମ୍ବା ତା 'ପୂର୍ବରୁ କରାଯାଇଥିବା ଆବେଦନ-ଯୋଜନା ଅନୁଯାୟୀ ରିହାତି ପ୍ରଦାନ କରିବା ପାଇଁ ବିଚାର କରାଯିବା ଏବଂ ଏହାର ସମାଧାନ କରାଯିବା-ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ଆଇନର ଆଧାରରେ ଏହାକୁ ଯାଞ୍ଚ ଏବଂ ସମାଧାନ କରିବା ପାଇଁ ସେହି ତରଫରୁ ଗଠିତ କମିଟି:*

*ଭାରତ ସଂଘ ବନାମ ଆରବି ପାଇପ ଏବଂ ପ୍ରୋଫାଇଲ ଏବଂ ଅନ୍ୟମାନେ,* **ମାମଲାର 1, ଫେବୃଆରୀ 1996 ତାରିଖର ଆଦେଶ;** *ଉମେଶ ଟେକ୍ସଟାଇଲ୍ ଏବଂ ଅନ୍ୟଜଣେ ବନାମ ଭାରତ ସଂଘ ଏବଂ ଅନ୍ୟଜଣେ* **ମାମଲାର,** 5, **ଡିସେମ୍ବର 1995 ତାରିଖର ଆଦେଶ ଏବଂ** *ମଧ୍ୟ ପ୍ରଦେଶ ରାଜ୍ୟ ବନାମ ଆଗ୍ରୋ ଇଞ୍ଜିନିୟରିଂ (ଏମ୍. ପି.) ପ୍ରାଇଭେଟ୍.* ଏବଂ **ଅନ୍ୟମାନେ, 1, ନଭେମ୍ବର 1995 ତାରିଖର ଆଦେଶରେ ।**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 3625/1996 ।

ବିବିଧ ମାମଲା ସଂଖ୍ୟା 1435/1990 ରେ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କର 25.7.94 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ଅତିରିକ୍ତ ମହାଧିବକ୍ତା କେ. ଟି. ଏସ୍. ତୁଳସୀ, ଏ. ଏସ୍. ରାୱତ ଏବଂ ଡି. ଏସ୍. ମେହେରା ଉପସ୍ଥିତ ଥିଲେ ।

ଉତ୍ତରଦାତାମାନଙ୍କ ପାଇଁ ଏ. କେ. ସାଙ୍ଘୀ, ଏନ୍. କେ. ଡାବେ ଏବଂ ଦିବାକର ଚତୁର୍ବେଦୀ ।

ନ୍ୟାୟାଳଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ବିଳମ୍ବକୁ କ୍ଷମା ପ୍ରଦାନ କରାଯାଇଥିଲା ।

ଅନୁମତି ପ୍ରଦାନ କରାଗଲା ।

ଏହି ନ୍ୟାୟାଳୟଙ୍କ ଦ୍ୱାରା ତିନୋଟି ଆଦେଶ ପାରିତ ହୋଇଛି:ତିନି ଜଣିଆ ବିଚାରପତିଙ୍କ ଏକ ଖଣ୍ଡପୀଠଙ୍କ ଦ୍ୱାରା 1, ଫେବୃଆରୀ 1996 ରେ *ଭାରତ ସଂଘ ବନାମ ଆରବି* ପାଇପ ଏବଂ ପ୍ରୋଫାଇଲ୍ *ଏବଂ ଅନ୍ୟମାନେ ମାମଲାରେ ; ଉମେଶ ଟେକ୍ସଟାଇଲ୍ ଏବଂ ଅନ୍ୟଜଣେ ବନାମ ଭାରତ ସଂଘ ଏବଂ ଅନ୍ୟଜଣେ,* 5, ଡିସେମ୍ବର 1995 ତାରିଖର ମାମଲାରେ ଦୁଇ ବିଚାରପତିଙ୍କ ଖଣ୍ଡପୀଠ ଦ୍ୱାରା ଏବଂ *ଏମ୍. ପି. ବନାମ ଏଗ୍ରୋ ଇଞ୍ଜିନିୟରିଂ (ଏମ୍. ପି.) ପ୍ରାଇଭେଟ୍ ଲିମିଟେଡ୍ ଏବଂ ଅନ୍ୟମାନେ,* ମାମଲାରେ ଦୁଇ ବିଚାରପତିଙ୍କ ଖଣ୍ଡପୀଠଙ୍କର 1, ନଭେମ୍ବର1995 ତାରିଖର ଆଦେଶରେ । ସେହି ସମସ୍ତ ମାମଲାରେ ନିର୍ଦ୍ଦେଶର ସାରମର୍ମ ହେଉଛି ଯେ ଯଦି ଭାରତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀରେ ବର୍ଣ୍ଣିତ ଆବଶ୍ୟକତାକୁ ଯଥେଷ୍ଟ ପରିପାଳନ କରି 1988 ସେପ୍ଟେମ୍ବର 30 କିମ୍ବା ତା 'ପୂର୍ବରୁ ଆବେଦନ କରାଯାଏ, ତେବେ ଯୋଜନା ଅନୁଯାୟୀ ରିହାତି ପ୍ରଦାନ ପାଇଁ ସେଗୁଡ଼ିକୁ ବିଚାର କରାଯିବ ଏବଂ ସମାଧାନ କରାଯିବ । ଏହି ମାମଲାରେ ମଧ୍ୟ ସମାନ ଆଦେଶ ହେବା ଉଚିତ । ସେହି ଅନୁଯାୟୀ ଆବେଦନଟିର ସମାଧାନ କରାଯାଇଅଛି । ଏହି ମାମଲା ସରକାରଙ୍କ ନିକଟକୁ ପ୍ରେରିତ ହୋଇଛି ଏବଂ ସେହି ସେଥିପାଇଁ ଗଠିତ କମିଟି ଏହି ମାମଲାର ଯାଞ୍ଚ କରିବେ ଏବଂ ଏହି ନ୍ୟାୟାଳୟ ଦ୍ୱାରା ନିର୍ଦ୍ଧାରିତ ଆଇନର ଆଧାରରେ ଏହାର ସମାଧାନ କରିବେ । କୌଣସି ଖର୍ଚ୍ଚ ରହିବ ନାହିଁ ।

ଜି. ଏନ୍. ଆବେଦନର ସମାଧାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।